 ସମୟ

## ଆଇବିସିଏସ୍‌ରେ କନ୍‌ଭରଜେନ୍ସ-୧୦

# ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ :ରାଜସ୍ୱ ମନ୍ତ୍ରୀ




ଭୁବନେଶ୍ୱର: (ସ.ବ୍ୟୁ) ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ବୋଲି ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ବାର୍ଷିକୋତ୍ସବ କନ୍‌ଭରଜେନ୍ସ-୧୦ରେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି । ସରକାର କମ୍ପାନୀମାନଙ୍କ ନିମନ୍ତେ ନିବେଶ ପରିବେଶ ସୃଷ୍ଟି କରାଉଛନ୍ତି । ଖଣିଜ ସମ୍ପଦରେ ଭରପୂର ଓଡ଼ିଶାରେ ୨୫ ଭାଗ ଆଇରନ୍ ଏବଂ ୨୮ ଭାଗ କୋଇଲା ଗଚ୍ଛିତ ରହିଛି । ସାମ୍ପ୍ରତିକ ବିଶ୍ୱରେ ଗନ୍ତବ୍ୟସ୍ଥଳ ଏବଂ ନିଯୁକ୍ତି ଆଉ ସମସ୍ୟା ହୋଇନାହିଁ । ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ବଢ଼ିଯାଇଛି । ଏ ସବୁକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ହେବ । ଏହାଛଡ଼ା ଭବିଷ୍ୟତର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହୋଇ ପ୍ରସ୍ତୁତ ହେବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍.ପି. ପ୍ରସନ୍ନ ପାଟ୍ଟଶାଣୀ, ଆଇବିଏମ୍‌ର କଣ୍ଟ୍ରି ହେଡ୍, ବି.ଏସ୍. ଗଣେଶ, ଏକାମ୍ର ବିଧାୟକ ଅଶୋକ ପଣ୍ଡା, ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର ଏମ୍.ପି.ଜୈନ, ଡ଼ିନ୍ ପ୍ରଫେସର ଶୁଭାଶିଷ ଦାସ, ନିର୍ଦ୍ଦେଶକ ଏସ୍.କେ. ପାଢ଼ୀ ଏବଂ କନ୍‌ଭେନର ଆର.ସି. ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଏବଂ ଫ୍ୟାସନ ଶୋ' ପରିବେଷିତ ହୋଇଯାଇଛି । ଶନିବାର କନ୍‌ଭରଜେନ୍ସ-୧୦ର ଦ୍ୱିତୀୟ ସନ୍ଧ୍ୟାରେ ଫେମ୍ ଗୁରୁକୁଳର ବିଜେତା ରେହାନ ଖାନ୍ ଏବଂ ସନସିଲ୍କ ଗ୍ୟାଙ୍ଗ ଅଫ୍ ଗାର୍ଲସର ବିଜେତା ଆମ୍ବିଲି ମେନନ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପ୍ରତିଯୋଗିତାର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅନୁଷ୍ଠାନ ତରଫରୁ ସମସ୍ତ ଅତିଥିଙ୍କୁ ମେମେଣ୍ଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।